بسم الله الرحمن الرحيم

ଖୁତବା ଜୁମା ୧ ମାର୍ଚ୍ଚ ୨୦୧୯ର ସାରାଂଶ
ସ୍ଥାନ- ମସଜିଦ୍ ବୟତୁଲ୍ ଫୁତୁହ୍, ମର୍ଡନ୍ ଲଣ୍ଡନ

# ଆଁହଜ଼ରତ୍ ସ.ଅଙ୍କ ସର୍ବୋଚ୍ଚ ତଥା ପଦମର୍ଯ୍ୟାଦା ସଂପନ୍ନ ବଦରୀ ସାହାବାମାନଙ୍କର ବିଶ୍ୱାସବର୍ଦ୍ଧକ, ହୃଦୟଦ୍ରାବୀ ଓ ମନୁଗ୍ଧକର ଚର୍ଚ୍ଚା ।

ତଶହୁଦ୍, ତଉଜ୍ ଏବଂ ସୁରେ ଫାତିହାର ଆବୃତ୍ତି ପରେ ହୁଜୁର ଅନଓ୍ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ କହିଲେ : ବଦରି ସାହାବାମାନଙ୍କର ଆଲୋଚନା ହେଉଅଛି । ଏହି ପର୍ଯ୍ୟାୟକ୍ରମରେ ଆଜି ଯେଉଁ ସାହାବାମାନଙ୍କର ଆଲୋଚନା କରିବି ତନ୍ମଧ୍ୟରୁ ସର୍ବପ୍ରଥମ ସାହାବି ହେଉଛନ୍ତି ହଜ଼ରତ୍ ଖଅଲି ବିନ୍ ଅବି ଖଅଲି ର.ଅ । ହଜ଼ରତ୍ ଖଅଲି ବଦର୍, ଓହୋଦ୍ ଏବଂ ଅନ୍ୟ ସମସ୍ତ ଯୁଦ୍ଧରେ ହୁଜୁର୍ ସ.ଅଙ୍କ ସହିତ ଶାମିଲ୍ ଥିଲେ । ହଜ଼ରତ୍ ଉମର୍ ର.ଅଙ୍କ ଶାସନ କାଳରେ ତାଙ୍କର ବିୟୋଗ ହୋଇଥିଲା ।

ପରବର୍ତ୍ତୀ ସାହାବି ଯାହାଙ୍କର ଚର୍ଚ୍ଚା ହେବ ସେ ହେଉଛନ୍ତି ହଜ଼ରତ୍ ରାଫେ ବିନ୍ ଅଲ୍ ମୁଅଲା ର.ଅ । ସେ ବନୁ ହବିବ୍ ଶାଖା ଅନ୍ତର୍ଗତ ଖଜ଼ରଜ୍ ସଂପ୍ରଦାଭୁକ୍ତ ଥିଲେ । ଆଁହୁଜୁର୍ ସ.ଅ ହଜ଼ରତ୍ ରାଫେ ଏବଂ ହଜ଼ରତ୍ ସଫଓ୍ୱାନ୍ ର.ଅଙ୍କ ମଧ୍ୟରେ ମୈତ୍ରିକ ସଂପର୍କ ସ୍ଥାପନ କରିଥିଲେ । ଏହି ଉଭୟ ସାହାବାମାନେ ବଦର୍ ଯୁଦ୍ଧରେ ଶାମିଲ୍ ହୋଇଥିଲେ । କେତେକ ରିଓ୍ୱାୟତ୍ ଅନୁଯାୟୀ ଉଭୟ ସାହାବି ବଦର୍ ଯୁଦ୍ଧରେ ହିଁ ପ୍ରାଣ ହରାଇ ବୀରଗତି ପ୍ରାପ୍ତ କରିଥିଲେ ।

ପରବର୍ତ୍ତୀ ସାହାବି ଯାହାଙ୍କର ଚର୍ଚ୍ଚା ହେବ ସେ ହେଉଛନ୍ତି ହଜ଼ରତ୍ ଜୁଶ୍ ଶୁମାଲୈନ୍ ହମିର୍ ବିନ୍ ଅବ୍ଦେ ବିନ୍ ଅମ୍ର ର.ଅ । ତାଙ୍କର ପ୍ରକୃତ ନାମ ଉମୈର୍ ଥିଲା ଏବଂ ସାଂଜ୍ଞା ଅବୁ ମହମ୍ମଦ୍ ଥିଲା । ହଜ଼ରତ୍ ଉମୈର୍ ର.ଅ ଯେତେବେଳେ ମକ୍କାରୁ ପ୍ରବାସ କରି ମଦିନାକୁ ଆସିଥିଲେ ସେତେବେଳେ ସେ ହଜ଼ରତ୍ ସାଆଦ୍ ବିନ୍ ଖୈସମା ର.ଅଙ୍କ ଘରେ ରହିଥିଲେ । ଆଁହଜ଼ରତ୍ ସ.ଅ ହଜ଼ରତ୍ ଖୈସମା ର.ଅ ଓ ୟଜ଼ିଦ୍ ବିନ୍ ହାରିସ୍ ର.ଅଙ୍କ ମଧ୍ୟରେ ମୈତ୍ରିକ ସଂପର୍କ ସ୍ଥାପନ କରିଥିଲେ । ଏହି ଉଭୟ ସାହାବିମାନେ ବଦର୍ ଯୁଦ୍ଧରେ ବୀରଗତି ପ୍ରାପ୍ତ କରିଥିଲେ । ସେତେବେଳେ ତାଙ୍କୁ ୩୦ ବର୍ଷ ବୟସ ହୋଇଥିଲା । ପୁନଶ୍ଚ ପରବର୍ତ୍ତୀ ଯେଉଁ ସାହାବିଙ୍କର ଚର୍ଚ୍ଚା ହେବ ସେ ହେଉଛନ୍ତି ହଜ଼ରତ୍ ରାଫେ ବିନ୍ ୟଜ଼ିଦ୍ । ସେ ବନୁ ଜ଼ହୁର୍ ବିନ୍ ଅବ୍ଦୁଲ୍ ଅଶହଲ୍ ଶାଖାର ଅନସାର୍ ସଂପ୍ରଦାୟଭୁକ୍ତ ଥିଲେ । ହଜ଼ରତ୍ ରାଫେ ର.ଅଙ୍କର ମାତା ଅକ୍ରବ୍ ବିନତ୍ ମୁଆଜ୍ ଗଣମାନ୍ୟ ସାହାବି ହଜ଼ରତ୍ ସାଆଦ୍ ବିନ୍ ମୁଆଜ଼ ର.ଙ୍କର ଭଗିନୀ ଥିଲେ । ହଜ଼ରତ୍ ରାଫେ ର.ଅଙ୍କର ଉସୈଦ୍ ଏବଂ ଅବ୍ଦୁର୍ ରହମାନ୍ ନାମକ ଦୁଇ ପୁତ୍ର ଥିଲେ । ହଜ଼ରତ୍ ରାଫେ ର.ଅ ବଦର୍ ଏବଂ ଓହୋଦ୍ ଯୁଦ୍ଧରେ ଶାମିଲ୍ ହୋଇଥିଲେ ଏବଂ ଓହୋଦ୍ ଯୁଦ୍ଧରେ ହିଁ ବୀରଗତି ପ୍ରାପ୍ତ କରିଥିଲେ ।

ପରବର୍ତ୍ତୀ ସାହାବିଙ୍କର ଚର୍ଚ୍ଚା ହେବ ତାଙ୍କ ନାମ ହେଲା ହଜ଼ରତ୍ ଜ଼କଓ୍ୱାନ୍ ବିନ୍ ଅବ୍ଦେ କୈସ୍ ର.ଅ । ସେ ବନୁ ଜ଼ରିକ୍ ଶାଖା ଅନ୍ତର୍ଗତ ଅନସାର୍ ସଂପ୍ରଦାୟଭୁକ୍ତ ଥିଲେ । ସେ ବୈଅତେ ଅକ୍ବା ଉଲା ଏବଂ ସାନିୟାରେ ଶାମିଲ୍ ଥିଲେ । ତାଙ୍କର ଏକ ପ୍ରଶଂସନୀୟ ତଥା ଉଲ୍ଲେଖଯୋଗ୍ୟ କଥା ହେଲା ଯେ, ସେ ମଦିନାରୁ ପ୍ରବାସ କରି ଆଁହଜ଼ରତ୍ ସ.ଅଙ୍କ ନିକଟକୁ ମକ୍କା ଚାଲି ଆସିଥିଲେ । ତାଙ୍କୁ ଅନସାର୍ ପ୍ରବାସାକାରୀ ରୂପେ ଗ୍ରହଣ କରାଯାଏ । ସେ ବଦର୍ ଏବଂ ଓହୋଦ୍ ଯୁଦ୍ଧରେ ଶାମିଲ୍ ଥିଲେ ଏବଂ ବଦର୍ ଯୁଦ୍ଧରେ ବୀରଗତିର ମର୍ଯ୍ୟାଦା ପ୍ରାପ୍ତ କରିଥିଲେ । ସୁହୈଲ୍ ବିନ୍ ଅବି ସାଲେହ୍ ବର୍ଣ୍ଣନା କରନ୍ତି ଯେ, ଯେତେବେଳେ ରସୁଲୁଲ୍ଲାଃ ସ.ଅ ଓହୋଦ୍ ଯୁଦ୍ଧ ପାଇଁ ବାହାରିଥିଲେ, ସେତେବେଳେ ହୁଜୁର୍ ସ.ଅ ଏକ ସ୍ଥାନ ବା ଦିଗ ଆଡ଼କୁ ଇଙ୍ଗିତ କରି ସାହାବାମାନଙ୍କୁ ସମ୍ବୋଧନ କରି କହିଲେ ଯେ, ଏହି ଆଡ଼କୁ ବା ପାର୍ଶ୍ୱକୁ କିଏ ଯିବ ? ବନି ଜ଼ରିକ୍ ଶାଖାରୁ ଜଣେ ସାହାବି ହଜ଼ରତ୍ ଜ଼କଓ୍ୱାନ୍ ବିନ୍ ଅବ୍ଦେ କୈସ୍ ର.ଅ ଛିଡ଼ା ହୋଇ କହିଲେ, ହେ ରସୁଲୁଲ୍ଲାଃ ! ମୁଁ ଯିବି । ଆଁହୁଜୁର୍ ସ.ଅ ପ୍ରଶ୍ନ କଲେ ଯେ, ତୁମେ କିଏ ବା ତୁମର ପରିଚୟ କ'ଣ ? ହଜ଼ରତ୍ ଜ଼କଓ୍ୱାନ୍ ର.ଅ ଉତ୍ତର ଦେଲେ ଯେ, ଆଜ୍ଞା ମୁଁ ଜ଼କଓ୍ୱାନ୍ ବିନ୍ ଅବ୍ଦେ କୈସ୍ । ହୁଜୁର୍ ସ.ଅ

ତାଙ୍କୁ ବସିଯିବା ପାଇଁ ନିର୍ଦ୍ଦେଶ ଦେଲେ । ହୁଜୁର୍ ଏହି କଥାକୁ ତିନିଥର ଦୋହୋରାଇଲେ ବା ପୁନରାବୃତ୍ତି କଲେ । ପୁନଶ୍ଚ ହୁଜୁର୍ ସ.ଅ କହିଲେ ଯେ, ଅମକ ଅମକ ସ୍ଥାନକୁ ଚାଲିଯାଅ । ପ୍ରତ୍ୟୁତ୍ତରରେ ହଜ଼ରତ୍ ଜ଼କୱାନ୍ ର.ଅ କହିଲେ ଯେ, ହେ ରସୁଲୁଲ୍ଲାଃ ସ.ଅ ! ମୁଁ ଦୃଢରୂପେ କହୁଛି ଯେ, ମୁଁ ସେହି ସ୍ଥାନକୁ ଅବଶ୍ୟ ଯିବି । ରସୁଲୁଲ୍ଲାଃ କହିଲେ ଯେ, ତୁମ୍ଭମାନଙ୍କ ମଧ୍ୟରୁ କେହି ଦେଖିବାକୁ ଚାହୁଁଛନ୍ତି କି ? ଯିଏକି ଆସନ୍ତା କାଲି ସ୍ୱର୍ଗାଲୋକର ଘାସ ଉପରେ (ବିଚରଣ) ଚାଲୁଥିବ । ତେବେ ଏହି ବ୍ୟକ୍ତିକୁ ଦେଖି ନିଅ । ଏହାପରେ ହଜ଼ରତ୍ ଜ଼କୱାନ୍ ର.ଅ ନିଜର ପରିବାରକୁ ବିଦାୟ ଜଣାଇଲେ । ତାଙ୍କର ସ୍ତ୍ରୀ ଏବଂ ତାଙ୍କର କନ୍ୟାମାନେ ତାଙ୍କୁ କହିବାକୁ ଲାଗିଲେ ଯେ, ଆପଣ ଆମମାନଙ୍କୁ ଛାଡ଼ି ଯାଉଛନ୍ତି । ସେ ତାଙ୍କ ଠାରୁ ମୁକ୍ତି ପାଇ ଟିକେ ଦୂରେଇ ଯାଇ ତାଙ୍କ ଆଡ଼କୁ ସମ୍ବୋଧନ କରି କହିଲେ ଯେ, ଏହାପରେ ଆମର ସାକ୍ଷାତ୍ ପ୍ରଳୟ ଦିବସରେ ହେବ । ଏହାପରେ ଓହୋଦ୍ ଯୁଦ୍ଧରେ ହିଁ ସେ ବୀରଗତି ପ୍ରାପ୍ତ କରିଥିଲେ ।

ପରବର୍ତ୍ତୀ ସାହାବି ହେଉଛନ୍ତି ହଜ଼ରତ୍ ଖୱାଦ୍ ବିନ୍ ଜବିର୍ ଅନସାରୀ ର.ଅ । ହଜ଼ରତ୍ ଖୱାଦ୍ ବିନ୍ ଜବିର୍ ଅନସାରୀ ର.ଅ ହଜ଼ରତ୍ ଅବ୍ଦୁଲ୍ଲାଃ ବିନ୍ ଜବିର୍ ର.ଅଙ୍କର ଭାଇ ଥିଲେ । ଯାହାଙ୍କୁ ଆଁହଜ଼ରତ୍ ସ.ଅ ବଦର୍ ଯୁଦ୍ଧରେ ଦର୍ରାର ସୁରକ୍ଷା ନିମନ୍ତେ ୫୦ ଜଣ ତୀରଚାଳନକାରୀଙ୍କ ସହିତ ମୁତୟନ କରିଥିଲେ । ହଜ଼ରତ୍ ଖୱାଦ୍ ମଧ୍ୟମ ଉଚ୍ଚତା ବିଶିଷ୍ଟ ବ୍ୟକ୍ତି ଥିଲେ । ସେ ୪୦ ହିଜରୀରେ ୭୪ ବର୍ଷ ବୟସରେ ମଦିନା ଠାରେ ମୃତ୍ୟୁବରଣ କରିଥିଲେ । ହଜ଼ରତ୍ ଖୱାଦ୍ ର.ଅ ମଧ୍ୟ ହୁଜୁର୍ ସ.ଅଙ୍କ ସହିତ ବଦର୍ ଯୁଦ୍ଧ ଅଭିମୁଖେ ବାହାରିଥିଲେ, ହେଲେ ବାଟରେ ଏକ ତୀକ୍ଷଣ ଶିଳାଖଣ୍ଡର ଆଘାତ ଯୋଗୁଁ କ୍ଷତାକ୍ତ ହୋଇଯାଇଥିଲେ । ଏହି କାରଣରୁ ହୁଜୁର୍ ସ.ଅ ତାଙ୍କୁ ମଦିନାକୁ ଫେରେଇ ଦେଇଥିଲେ । ରସୁଲୁଲ୍ଲାଃ ହଜ଼ରତ୍ ଖୱାଦ୍ ର.ଅଙ୍କୁ ମାଲେ ଗନିମତ୍ (ଯୁଦ୍ଧଭୂମିରୁ ପ୍ରାପ୍ତ ଧନରତ୍ନ )ରେ ଏବଂ ପୁଣ୍ୟରେ ମଧ୍ୟ ଶାମିଲ୍ କରିଥିଲେ । ସୁତରାଂ ଖୱାଦ୍ ର.ଅ ସେହି ବ୍ୟକ୍ତିଙ୍କ ପରି ଥିଲେ ଯେଉଁମାନେ ବଦର୍ ଯୁଦ୍ଧରେ ଶାମିଲ୍ ହୋଇଥିଲେ । ସେ ବଦର୍, ଓହୋଦ୍ ଏବଂ ଖନ୍ଦକ୍ ଯୁଦ୍ଧ ବ୍ୟତୀତ ଅନ୍ୟ ସମସ୍ତ ଯୁଦ୍ଧରେ ହୁଜୁର୍ ସ.ଅଙ୍କ ସହିତ ଶାମିଲ୍ ଥିଲେ ।

ହଜ଼ରତ୍ ଖୱାଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଏକଦା ମୁଁ ରୋଗରେ ପୀଡ଼ିତ ହୋଇ ପଡ଼ିଥିଲି, ହୁଜୁର୍ ସ.ଅ ମୋର ରୋଗୀ ପରିଦର୍ଶନ କରିଥିଲେ । ସେତେବେଳେ ମୁଁ ସୁସ୍ଥ ହୋଇଯାଇଥିଲି । ତେବେ ହୁଜୁର୍ ସ.ଅ କହିଲେ ଯେ, ହେ ଖୱାଦ୍ ! ତୁମ୍ଭର ଶରୀର ସୁସ୍ଥ ହୋଇଯାଇଛି । ଅତଃ ତୁମ୍ଭ ଅଲ୍ଲାଃତାଲାଙ୍କ ସହ ଯେଉଁ ପ୍ରତିଜ୍ଞା କରିଥିଲ ତାହା ପୂରଣ କର । ମୁଁ କହିଲି ଯେ, ମୁଁ ତ' ଅଲ୍ଲାଃତଲାଙ୍କ ସହିତ ଏମିତି କୌଣସି ପ୍ରତିଜ୍ଞା କରି ନାହିଁ । ସେ କହିଲେ ଯେ, ଏମିତି କୌଣସି ରୋଗୀ ନାହିଁ ଯେତେବେଳେ ସିଏ ରୋଗରେ ଆକ୍ରାନ୍ତ ହୁଏ ସେତେବେଳେ ସିଏ ଈଶ୍ୱରଙ୍କ ନିକଟରେ କୌଣସି ମାନସିକ ବା ଉଦ୍ଦେଶ୍ୟ କରି ନାହିଁ । ସେ ନିଶ୍ଚୟ ଏହା କହିବ ଯେ, ଯଦି ଅଲ୍ଲାଃତାଲା ମୋତେ ଏହି ରୋଗରୁ ମୁକ୍ତି ବା ସୁସ୍ଥ କରି ଦିଅନ୍ତି ତେବେ ମୁଁ ଏହା କରିବି ,ତାହା କରିବି । ଅତଃ ତୁମେ ଯାହାବି ଅଲ୍ଲାଃତାଲାଙ୍କ ସହିତ ପ୍ରତିଜ୍ଞା, ପ୍ରତିଶୃତି କର ତେବେ ତାହା ନିଶ୍ଚିତ ପୂରଣ କର । ହୁଜୁର୍ ଅନୱର୍ ଅ.ବ କହିଲେ : ତେଣୁ ଉପରୋକ୍ତ କଥାଗୁଡ଼ିକ ଏପରି ଅଟେ ଯାହାକି ଆମ୍ଭମାନଙ୍କ ନିମନ୍ତେ ଚିନ୍ତାଜନକ ତଥା ଧ୍ୟାନାକର୍ଷଣୀୟ ଅଟେ ।

ଯୁଦ୍ଧ ଅବସରରେ ଯେତେବେଳେ ଆଁହଜ଼ରତ୍ ସ.ଅଙ୍କୁ ବନୁ କୁରୈଜ଼ା ସଂପ୍ରଦାୟର ଅବଜ୍ଞା ତଥା ଅବମାନନାର ସୂଚନା ପ୍ରାପ୍ତ ହେଲା ସେତେବେଳେ ହୁଜୁର୍ ସ.ଅ ଏକ ପ୍ରତିନିଧିଦଳ ସେମାନଙ୍କ ନିକଟକୁ ପ୍ରେରଣ କଲେ । ଯେଉଁ ପ୍ରତିନିଧିଦଳରେ ହଜ଼ରତ୍ ଖୱାଦ୍ ବିନ୍ ଜବିର୍ ର.ଅ ମଧ୍ୟ ଉପସ୍ଥିତ ଥିଲେ । ଅନ୍ୟ ଏକ ରିୱାୟତ୍ ଅନୁଯାୟୀ ଆଁହଜ଼ରତ୍ ସ.ଅ ହଜ଼ରତ୍ ଖୱାଦ୍ ର.ଅଙ୍କୁ ନିଜର ଅଶ୍ୱ ପ୍ରଦାନ କରି ତାଙ୍କୁ ବନୁ କୁରୈଜ଼ା ସଂପ୍ରଦାୟ ଅଭିମୁଖେ ପ୍ରେରଣ କଲେ ଏବଂ ସେହି ଅଶ୍ୱର ନାମ ଥିଲା ଜନାହ୍ ।

ପୁନଶ୍ଚ ପରବର୍ତ୍ତୀ ଯେଉଁ ସାହାବିଙ୍କର ଚର୍ଚ୍ଚା ହେବ ସେ ହେଉଛନ୍ତି ହଜ଼ରତ୍ ରବିୟା ବିନ୍ ଅକ୍‌ସମ୍ ର.ଅ । ତାଙ୍କର ସାଂଜ୍ଞା ଅବୁ ୟଜ଼ିଦ୍ ଥିଲା । ସେ କ୍ଷୁଦ୍ରାକାୟ ଉଚ୍ଚତା ବିଶିଷ୍ଟ ବ୍ୟକ୍ତି ଏବଂ ପୃଥୁଳ ଶରୀର ଅଧିକାରୀ ଥିଲେ । ସେ ପ୍ରବାସକାରୀଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଥିଲେ । ବଦର୍ ଯୁଦ୍ଧରେ ଶାମିଲ୍ ହେବା ସମୟରେ ତାଙ୍କୁ ୩୦ ବର୍ଷ ବୟସ ହୋଇଥିଲା । ବଦର୍ ଯୁଦ୍ଧ ବ୍ୟତୀତ ସେ ଓହୋଦ୍ ଯୁଦ୍ଧ, ଖନ୍ଦକ୍, ସୁଲାହ୍ ହୁଦୈବିୟା ଏବଂ ଖୈବର୍ ଯୁଦ୍ଧରେ ଶାମିଲ୍ ଥିଲେ ଏବଂ ଖୈବର୍ ଯୁଦ୍ଧରେ ହିଁ ସେ ବୀରଗତି ପ୍ରାପ୍ତ

କରିବାର ତାଙ୍କୁ ସୌଭାଗ୍ୟ ଅର୍ଜନ ହୋଇଥିଲା । ବୀରଗତି ପ୍ରାପ୍ତ ସମୟରେ ତାଙ୍କୁ ୩୭ ବର୍ଷ ବୟସ ହୋଇଥିଲା । ପରବର୍ତ୍ତୀ ସାହାବି ହେଉଛନ୍ତି ହଜ଼ରତ୍ ରିଫାଅ  ବିନ୍ ଅମ୍ର ଅଲ୍ ଜୁହନି ର.ଅ । ହଜ଼ରତ୍ ରିଫାଅ ବଦର୍, ଓହୋଦ୍ ଯୁଦ୍ଧରେ ଶାମିଲ୍ ହୋଇଥିଲେ । ସେ ଅନସାର୍ ସଂପ୍ରଦାୟ ଅନ୍ତର୍ଗତ ବନୁ ନଜ୍ଜାରର ସାହାଯ୍ୟକର୍ତ୍ତା ଥିଲେ । ପୁନଶ୍ଚ ପରବର୍ତ୍ତୀ ସାହାବି ହେଉଛନ୍ତି ହଜ଼ରତ୍ ଜ଼ୈଦ୍ ବିନ୍ ୱଦିୟା ର.ଅ । ହଜ଼ରତ୍ ଜ଼ୈଦ୍ ର.ଅଙ୍କର ସଂପର୍କ, ଖଜ଼ରଜ୍ ସଂପ୍ରଦାୟ ଅନ୍ତର୍ଗତ ଅନସାର୍ ସଂପ୍ରଦାୟଭୁକ୍ତ ଥିଲେ । ସେ ବୈଅତେ ଅକ଼ବା, ବଦର୍, ଓହୋଦ୍ ଯୁଦ୍ଧରେ ମଧ୍ୟ ଶାମିଲ୍ ହୋଇଥିଲେ ଏବଂ ଓହୋଦ୍ ଯୁଦ୍ଧରେ ହିଁ ତାଙ୍କୁ ବୀରଗତି ପ୍ରାପ୍ତ ହୋଇଥିଲା । ପରବର୍ତ୍ତୀ ଯେଉଁ ସାହାବିଙ୍କର ଚର୍ଚ୍ଚା ହେବ ତାଙ୍କ ନାମ ହେଲା ହଜ଼ରତ୍ ରବିଇ ବିନ୍ ରାଫେ ଅନସାରୀ ର.ଅ । ସେ ବଦର୍ ଏବଂ ଓହୋଦ୍ ଯୁଦ୍ଧରେ ଶାମିଲ୍ ହୋଇଥିଲେ ।

ପରବର୍ତ୍ତୀ ଯେଉଁ ସାହାବିଙ୍କର ଚର୍ଚ୍ଚା ହେବ ସେ ହେଉଛନ୍ତି ହଜ଼ରତ୍ ଜ଼ୈଦ୍ ବିନ୍ ମୁଜ଼ୈୟନ୍ ର.ଅ । ସେ ଖଜ଼ରଜ୍ ସଂପ୍ରଦାୟଭୁକ୍ତ ଥିଲେ । ହଜ଼ରତ୍ ଜ଼ୈଦ୍ ର.ଅ ବଦର୍ ଏବଂ ଓହୋଦ୍ ଯୁଦ୍ଧରେ ଶାମିଲ୍ ହୋଇଥିଲେ । ମଦିନା ପ୍ରବାସ ସମୟରେ ଆଁହଜ଼ରତ୍ ସ.ଅ ହଜ଼ରତ୍ ଜ଼ୈଦ୍ ଏବଂ ହଜ଼ରତ୍ ମୁସୱେହ୍ ବିନ୍ ଅସାସାଙ୍କ ମଧ୍ୟରେ ମୈତ୍ରିକ ସଂପର୍କ ସ୍ଥାପନ କରିଥିଲେ । ପରବର୍ତ୍ତୀ ସାହାବି ହେଉଛନ୍ତି ହଜ଼ରତ୍ ଅୟାଜ଼୍ ବିନ୍ ଜ଼ହିର୍ ର.ଅ । ସେ ଦ୍ୱିତୀୟ ହବଶା ପ୍ରବାସ ସମୟରେ ଶାମିଲ୍ ହୋଇଥିଲେ । ସେଠାରୁ ଫେରି ସେ ମଦିନାକୁ ପ୍ରବାସ କରିଥିଲେ ଏବଂ ହଜ଼ରତ୍ ଉମ୍ମେ କୁଲସୁମ୍ ବିନ୍ ଅଲ୍ ହଦମଙ୍କ ଘରେ କିଛି କାଳ ଅତିବାହିତ କରିଥିଲେ । ସେ ବଦର୍, ଓହୋଦ୍, ଖନ୍ଦକ଼ ଯୁଦ୍ଧ ସମେତ ଅନ୍ୟ ସମସ୍ତ ଯୁଦ୍ଧରେ ଶାମିଲ୍ ହୋଇଥିଲେ । ହଜ଼ରତ୍ ଉମର୍ ର.ଅଙ୍କ ଶାସନକାଳରେ ୩୦ ହିଜରୀରେ ମଦିନା ଠାରେ ଦେହତ୍ୟାଗ କରିଥିଲେ । ପରବର୍ତ୍ତୀ ସାହାବି ହେଉଛନ୍ତି ହଜ଼ରତ୍ ରିଫାଅ ବିନ୍ ଅମ୍ର ଅନସାରୀ ର.ଅ । ସେ ୭୦ ଜଣ ଅନସାର୍ ସାହାବାଙ୍କ ସହିତ ବୈଅତେ ଅକ଼ବା ସାନିୟାରେ ଶାମିଲ୍ ହୋଇଥିଲେ । ସେ ବଦର୍ ଯୁଦ୍ଧରେ ଶାମିଲ୍ ହୋଇଥିଲେ । ସେ ବନୁ ସାଆଦା ବିନ୍ କାଆବ୍ ସଂପ୍ରଦାୟଭୁକ୍ତ ଥିଲେ ।

ପରବର୍ତ୍ତୀ ସାହାବି ହେଉଛନ୍ତି ହଜ଼ରତ୍ ସାଲିମ୍ ବିନ୍ ଉମୈର୍ ବିନ୍ ସାବିତ୍ ର.ଅ । ସେ ଅନସାରର ବନୁ ଅମ୍ର ବିନ୍ ଔଫ୍ ସଂପ୍ରଦାୟଭୁକ୍ତ ଥିଲେ । ସେ ବୈଅତେ ବଦର୍ ଯୁଦ୍ଧ, ଓହୋଦ୍, ଖନ୍ଦକ଼ ଏବଂ ଅନ୍ୟ ସମସ୍ତ ଯୁଦ୍ଧରେ ଆଁହଜ଼ରତ୍ ସ.ଅଙ୍କ ସହିତ ଶାମିଲ୍ ଥିଲେ । ସେ ସେହି ୭ ଜଣ ସାହାବିଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଥିଲେ ଯେଉଁମାନଙ୍କ ନିକଟରେ ତବୁକ୍ ଯୁଦ୍ଧରେ ଶାମିଲ୍ ହେବା ପାଇଁ (ବାହନ) ଆରୂଢ଼ ନଥିଲା । ଯେତେବେଳେ ସେହି ସାହାବିମାନେ ଯୁଦ୍ଧରେ ଶାମିଲ୍ ହେବା ପାଇଁ ଇଚ୍ଛା ପ୍ରକାଶ କରି ଆଁହଜ଼ରତ୍ ସ.ଅଙ୍କ ଠରୁ ବାହନ ମାଗିଲେ ସେତେବେଳେ ଆଁହୁଜୁର୍ ସ.ଅ କହିଲେ ଯେ, ମୋ ନିକଟରେ କୌଣସି ଅଶ୍ୱ, ବାହନ ନାହିଁ ଯାହା ଉପରେ ମୁଁ ତୁମ୍ଭକୁ ଆରୋହଣ କରି ଯୁଦ୍ଧକ୍ଷେତ୍ରକୁ ନେଇଯିବି । ସେହି ସାହାବାମାନେ ସେଠାରୁ ଫେରିଗଲେ ଏବଂ ସେମାନଙ୍କ ଚକ୍ଷୁରୁ ଅଶ୍ରୁଧାରା ନିର୍ଗତ ହେଉଥିଲା । ହଜ଼ରତ୍ ଇବନେ ଅବ୍ବାସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଆୟତ୍ **"ୱଲା ଅଲଲ୍ ଲଜ଼ିନା ଇଜ଼ା ମା ଅତୌକା ଲତହ୍ ମିଲହୁମ୍ କୁଲତୁ ଲା ଅଜଦୁ ମା ଅଜଦୁ ଅହ୍ ମିଲୁକୁମ୍ ଅଲୈହ୍ ତୱଲ୍ଲୌ ୱ ଆୟୁନୁହୁମ୍ ତଫିଜୁ ମିନଦ୍ଦମ୍ଇ ହଜ଼ନନ୍ ଅଲ୍ଲା ୟଜ଼ଦୁ ମା ୟୁନଫିକୁନ୍ "** ଅର୍ଥାତ୍ ; ଏବଂ ସେମାନଙ୍କ ବିରୁଦ୍ଧରେ (ମଧ୍ୟ କୌଣସି ଅଭିଯୋଗ) ନାହିଁ, ଯେଉଁମାନେ ତୁମ୍ଭ ନିକଟକୁ ସେତେବେଳେ ଆସିଥିଲେ ଯେତେବେଳେ ଯୁଦ୍ଧ ଘୋଷଣା କରାଯାଇଥିଲା । ସେମାନେ ଏଥି ସକାଶେ ଆସିଥିଲେ ଯେ, ତୁମ୍ଭେ ସେମାନଙ୍କ ସକାଶେ କୌଣସି ବାହନର ବ୍ୟବସ୍ଥା କରିଦେବେ । ତୁମ୍ଭେ ଉତ୍ତର ଦେଇଥିଲ ଯେ, ଆମ୍ଭ ନିକଟରେ ଏପରି କିଛି ନାହିଁ ଯାହା ଉପରେ ତୁମମାନଙ୍କୁ ଆରୋହଣ କରାଇବୁ । ଏହା ଶୁଣି ସେମାନେ ଫେରି ଯାଇଥିଲେ, ଏବଂ ଦୁଃଖରେ ସେମାନଙ୍କ ଚକ୍ଷୁରୁ ଅଶ୍ରୁ ନିର୍ଗତ ହେଉଥିଲା ଯେ, ହାୟ ! ସେମାନଙ୍କ ନିକଟରେ ଅଲ୍ଲାଃତାଲାଙ୍କ ମାର୍ଗରେ ବ୍ୟୟ କରିବାକୁ କିଛି ନଥିଲା । ଏହି ଆୟତରେ ଯେଉଁ ସାହାବାମାନଙ୍କର ଚର୍ଚ୍ଚା ହୋଇଛି ତନ୍ମଧ୍ୟରେ ସାଲିମ୍ ବିନ୍ ଉମୈର୍, ସାଆଲବା ବିନ୍ ଜ଼ିୟାଦ୍ ର.ଅ ମଧ୍ୟ ଶାମିଲ୍ ଥିଲେ । ହଜ଼ରତ୍ ଖଲିଫତୁଲ୍ ମସିହ୍ ସାନି ର.ଅ ଏହି ସୁରା ତୌବା ଆୟତର ବ୍ୟାଖ୍ୟା କରି ବର୍ଣ୍ଣନା କରନ୍ତି ଯେ, ସେହି ୭ ଜଣ ମୁସଲମାନଙ୍କର ଆଁହଜ଼ରତ୍ ସ.ଅଙ୍କ ନିକଟକୁ ଚାଲିଯିବା ପରେ ହଜ଼ରତ୍ ଉସମାନ୍ ର.ଅ ୩ଟି ଲେଖାଁଏ ଓଟ ପ୍ରଦାନ କରିଥିଲେ ଆଉ ୪ଟି ଲେଖାଁଏ ଓଟ ଅନ୍ୟ ମୁସଲମାନମାନେ ପ୍ରଦାନ କରିଥିଲେ । ସୁତରାଂ ଆଁହଜ଼ରତ୍ ସ.ଅ ପ୍ରତ୍ୟେକ

ସାହାବିମାନଙ୍କୁ ଗୋଟିଏ ଲେଖାଁଏ ଓଟ ପ୍ରଦାନ କରିଥିଲେ ଅର୍ଥାତ୍ ସେହି ସାତଜଣ ସାହାବିମାନଙ୍କୁ । ହଜ଼ରତ୍ ମୁସଲେହ୍ ମଉଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, କୁରଆନ୍ ଏହି ଆୟତକୁ ଏହିକାରଣରୁ ବର୍ଣ୍ଣିତ କରଅଛି ଯେ, ସେହି ଅସହାୟ ଓ ଦାରିଦ୍ର୍ୟ ଲୋକମାନଙ୍କର ନିଷ୍ପାର ତୁଳନା ଧନୀକ ଶ୍ରେଣୀୟ ଲୋକମାନଙ୍କ ସହିତ କରାଯାଉ । କାରଣ ଏହି ଧନୀକ ବ୍ୟକ୍ତିମାନେ ଯାତ୍ରା କରିବାର ଅନ୍ୟ ମାଧମ ବିନିଯୋଗ କରିପାରିବାରେ ସମର୍ଥ ତଥା ସକ୍ଷମ ଥିଲେ, ହେଲେ ସେମାନେ ମିଥ୍ୟା ବହାନା, ଆଳ ଦେଖାଇ ଏବଂ ଟାଳଟୁଳ ନୀତି ଅବଲମ୍ବନ କରୁଥିଲେ । ହଜ଼ରତ୍ ଅବୁ ମୁସା ସେହି ଲୋକମାନଙ୍କର ମୁଖିଆ ଥିଲେ । ଯେଉଁମାନେ ଏହିପରି ଆଳ ତଥା ଟାଳଟୁଳ ନୀତି ଅବଲମ୍ବନ କରୁଥିଲେ । ଯେତେବେଳେ ସେମାନଙ୍କୁ ଏହା ପଚରାଗଲା ଯେ, ଆପଣମାନ ସେତେବେଳେ ଆଁହଜ଼ରତ୍ ସ.ଅଙ୍କ ଠାରୁ କ'ଣ ମାଗିଥିଲେ ? ତେବେ ସେମାନେ ଉତ୍ତର ଦେଲେ ଯେ, ଆମ୍ଭେମାନେ ଈଶ୍ୱରଙ୍କ ଶପଥ କରି କହୁଅଛୁ ଯେ, ଆମ୍ଭେମାନେ ଓଟ ମାଗି ନାହୁଁ, ଆମ୍ଭେମାନେ ଅଶ୍ୱ ମାଗି ନାହୁଁ । ଆମ୍ଭେମାନେ ତ' କେବଳ ଏହା କହିଥିଲୁ ଯେ, ଆମ୍ଭେମାନେ ଖାଲି ପାଦରେ ଅଛୁ, ତେଣୁ ଆମ୍ଭେମାନେ ଏତେ ଦୀର୍ଘ ପଦଯାତ୍ରା କରିପାରିବୁ ନାହିଁ । ଯଦି ଆମ୍ଭମାନଙ୍କୁ କେବଳ ଜୋତା ହଳେ ଦେଇ ଦିଅନ୍ତେ ତେବେ ଆମ୍ଭେମାନେ ସେହି ଜୋତା ହଳକୁ ପିନ୍ଧି ଦୌଡ଼ି ଦୌଡ଼ି ନିଜ ଭାଇମାନଙ୍କ ସାଙ୍ଗରେ ଯୁଦ୍ଧରେ ଶାମିଲ୍ ହେବା ପାଇଁ ପହଞ୍ଚି ଯିବୁ । ସୁତରାଂ ସେହି ଅଭାବି ସାହାବାମାନଙ୍କର ଏଭଳି ଅବସ୍ଥା, ଉତ୍ସାହ ଥିଲା ଯେ, ସେମାନେ ବିନା ଜୋତା, ବାହନ ଓ ବିନା ଅସ୍ତ୍ରରେ ମଧ ଯୁଦ୍ଧରେ ଶାମିଲ୍ ହେବା ପାଇଁ ଉତ୍କଣ୍ଠିତ ଥିଲେ । ହଜ଼ରତ୍ ସାଲିମ୍ ବିନ୍ ଉମୈର୍ ର.ଅ ମୁଆୱିୟା ଶାସନ କାଳ ପର୍ଯ୍ୟନ୍ତ ଜୀବିତ ଥିଲେ ।

ହୁଜୁର୍ ଅନୱର୍ ଅ.ବ କହିଲେ : ପରବର୍ତ୍ତୀ ସାହାବି ହେଉଛନ୍ତି ହଜ଼ରତ୍ ସୁରାକ୍ବା ବିନ୍ କାଆବ୍ ର.ଅ । ସେ ବନୁ ନଜ୍ଜାର୍ ସଂପ୍ରଦାୟଭୁକ୍ତ ଥିଲେ । ତାଙ୍କ ମାତାଙ୍କ ନାମ ଉମୈରାହ୍ ବିନତ୍ ନୁମାନ୍ ଥିଲା । ସେ ବଦର୍, ଓହୋଦ୍ ଏବଂ ଖନ୍ଦକ୍ ଯୁଦ୍ଧ ସମେତ ଅନ୍ୟ ସମସ୍ତ ଯୁଦ୍ଧରେ ହୁଜୁର୍ ସ.ଅଙ୍କ ସହିତ ଶାମିଲ୍ ଥିଲେ । ସେ ୟମାମା ଯୁଦ୍ଧରେ ବୀରଗତି ପ୍ରାପ୍ତ କରିଥିଲେ । ପରବର୍ତ୍ତୀ ସାହାବି ହେଉଛନ୍ତି ହଜ଼ରତ୍ ସାଏବ୍ ମଜ଼ଉନ୍ ର.ଅ । ସେ ହଜ଼ରତ୍ ଉସମାନ୍ ବିନ୍ ମଜ଼ଉନଙ୍କର ଭାଇ ଥିଲେ । ସେ ହବଶାକୁ ପ୍ରବାସକାରୀଙ୍କ ମଧରେ ସର୍ବପ୍ରଥମ ପ୍ରବାସକାରୀ ରୂପେ ପରିଚିତ ଥିଲେ । ସେ ବଦର୍ ଯୁଦ୍ଧରେ ଶାମଲି ଥିଲେ । ହଜ଼ରତ୍ ସାଏବ୍ ର.ଅଙ୍କୁ ଆଁହଜ଼ରତ୍ ସ.ଅଙ୍କ ସହିତ ବାଣିଜ୍ୟ କରିବାର ସୌଭାଗ୍ୟ ପ୍ରାପ୍ତ ହୋଇଥିଲା । ସିରତ୍ ଖାତମୁନ୍ ନବୀୟିନରେ ଏହି ଘଟଣା ଏଭପରି ଭାବରେ ଉଲ୍ଲିଖିତ ଥିବାର ଦେଖିବାକୁ ମିଳେ ଯେ, ସାଏବ୍ ନାମକ ଜଣେ ସାହାବି ଥିଲେ । ଯେତେବେଳେ ସେ ଇସଲାମ୍ ଧର୍ମ ଗ୍ରହଣ କରିଥିଲେ ସେତେବେଳେ କେତେକ ଲୋକମାନେ ଆଁହଜ଼ରତ୍ ସ.ଅଙ୍କ ନିକଟରେ ତାଙ୍କର ପ୍ରଶଂସା ଗାନ କଲେ । ହୁଜୁର୍ ସ.ଅ କହିଲେ ତୁମ୍ଭମାନଙ୍କ ଅପେକ୍ଷା ମୁଁ ତାଙ୍କୁ ଅଧିକ ଭଲ ଭାବରେ ଚିହ୍ନିଛି । ହଜ଼ରତ୍ ସାଏବ୍ ର.ଅ କହିଲେ ଯେ, ହେ ରସୁଲୁଲ୍ଲାଃ ! ହଁ । ମୋର ଅଭିଭାବକମାନେ ଆପଣଙ୍କ ପାଇଁ ଉତ୍ସର୍ଗ ହୋଇଯାଆନ୍ତୁ, ଏକଦା ଆପଣ ସ.ଅ ବାଣିଜ୍ୟରେ ମୋ ସହିତ ଶାମିଲ୍ ଥିଲେ ଏବଂ ମୁଁ ଦେଖିଲି ଯେ, ଆପଣ ବାଣିଜ୍ୟରେ ସ.ଅ ସର୍ବଦା ସ୍ୱଚ୍ଛଳ ନୀତି ଓ ଉତ୍ତମ କର୍ମ ନୀତି ଅବଲମ୍ବନ କରିଛନ୍ତି । ପରବର୍ତ୍ତୀ ସାହାବି ହେଉଛନ୍ତି ହଜ଼ରତ୍ ଆସିମ୍ ବିନ୍ କ୍ବୈସ୍ ର.ଅ । ସେ ବନୁ ସାଆଲବା ବିନ୍ ଅମ୍ର ଅନ୍ତର୍ଗତ ଅନସାର୍ ସଂପ୍ରଦାୟଭୁକ୍ତ ଥିଲେ । ସେ ବଦର୍ ଏବଂ ଓହୋଦ୍ ଯୁଦ୍ଧରେ ଶାମିଲ୍ ବା ସଂପୃକ୍ତ ଥିଲେ । ସେହପରି ପରବର୍ତ୍ତୀ ସାହାବି ହେଉଛନ୍ତି ହଜ଼ରତ୍ ତୁଫୈଲ୍ ବିନ୍ ମାଲିକ୍ ବିନ୍ ଖନସା ର.ଅ । ସେ ବନୁ ଅବିଦ୍ ବିନ୍ ଅଦିଇ ଶାଖା ଆନ୍ତର୍ଗତ ଖଜ଼ରଜ୍ ସଂପ୍ରଦାୟଭୁକ୍ତ ଥିଲେ । ସେ ବୈଅତେ ଅକ୍ବା ଏବଂ ବଦର୍, ଓହୋଦ୍ ଯୁଦ୍ଧରେ ଶାମିଲ ଥିଲେ ।

ପରବର୍ତ୍ତୀ ସାହାବିଙ୍କର ନାମ ହେଲା ହଜ଼ରତ୍ ତୁଫୈଲ୍ ବିନ୍ ନୁମାନ୍ ର.ଅ । ସେ ଅନସାରର ଖଜ଼ରଜ୍ ସଂପ୍ରଦାୟଭୁକ୍ତ ଥିଲେ । ସେ ବୈଅତେ ଅକ୍ବା, ବଦର୍ ଏବଂ ଖନ୍ଦକ୍ ଯୁଦ୍ଧରେ ଶାମଲି ହୋଇଥିଲେ । ଓହୋଦ୍ ଯୁଦ୍ଧରେ ତାଙ୍କୁ ୧୩ଟି କ୍ଷତ ଲାଗିଥିଲା । ଖନ୍ଦକ୍ ଯୁଦ୍ଧରେ ସେ ବୀରଗତି ପ୍ରାପ୍ତ କରିଥିଲେ । ପରବର୍ତ୍ତୀ ସାହାବି ହେଉଛନ୍ତି ହଜ଼ରତ୍ ଜ଼ହାକ୍ ବିନ୍ ଅବ୍ଦେ ଅମ୍ର ର.ଅ । ସେ ଦିନାର୍ ବିନ୍ ନଜ୍ଜାର୍ ସଂପର୍ଦାଭୁକ୍ତ ଥିଲେ । ତାଙ୍କ ପିତାଙ୍କ ନାମ ଅବ୍ଦେ ଅମ୍ର ଏବଂ ମାତାଙ୍କ ନାମ ସମିରାହ୍ ବିନତ୍ କ୍ବୈସ୍ ଥିଲା । ସେ ବଦର୍, ଓହୋଦ୍ ଯୁଦ୍ଧରେ ଶାମିଲ୍ ହୋଇଥିଲେ ଏବଂ ଓହୋଦ୍ ଯୁଦ୍ଧରେ ହିଁ ସେ ବୀରଗତି ପ୍ରାପ୍ତ କରିଥିଲେ । ତାଙ୍କ

ଭାଇ ଉତବା ବିନ୍ ଅଦ୍ଦେ ଅମ୍ର ବେଏରେ ମଉନା ଘଟଣା ଦିନ ବୀରଗତି ପ୍ରାପ୍ତ କରିଥିଲେ । ପରବର୍ତ୍ତୀ ସାହାବି ହେଉଛନ୍ତି ହଜ଼ରତ୍ ଜ଼ିହାକ୍ ବିନ୍ ହାରିସା ର.ଅ । ସେ ଅନସାରର ଖଜ଼ରଜ୍ ସଂପ୍ରଦାୟଭୁକ୍ତ ଥିଲେ । ତାଙ୍କ ପିତାଙ୍କ ନାମ ହାରିସା ଏବଂ ମାତାଙ୍କ ନାମ ହିନ୍ଦ୍ ବିନତ୍ ମାଲିକ୍ ଥିଲା । ସେ ବୈଅତେ  ଅକ୍ବା, ବଦର ଏବଂ ଖନ୍ଦକ୍ ଯୁଦ୍ଧରେ ଶାମିଲ୍ ଥିଲେ । ପରବର୍ତ୍ତୀ ସାହାବି ହେଉଛନ୍ତି ହଜ଼ରତ୍ ଖଲ୍ଲାଦ୍ ବିନ୍ ସୱିଦ୍ ଅନସାରୀ ର.ଅ । ସେ ବନୁ ହାରିସ୍ ଶାଖା ଅନ୍ତର୍ଗତ ଖଜ଼ରଜ୍ ସଂପ୍ରଦାୟଭୁକ୍ତ ଥିଲେ । ବୈଅତେ ଅକ୍ବା. ବଦର୍, ଓହୋଦ୍ ଏବଂ ଖନ୍ଦକ୍ ଯୁଦ୍ଧରେ ଶାମିଲ୍ ଥିଲେ । ବନୁ କୁରୈଜ଼ା ଯୁଦ୍ଧରେ ଜଣେ ଇହୁଦୀ ମହିଳା ତାଙ୍କ ମୁଣ୍ଡ ଉପରକୁ ଏକ ଓଜନିଆ ପଥର ଫିଙ୍ଗିଥିଲା । ଯଦ୍ୱାରା ତାଙ୍କର ମୁଣ୍ଡ ଫାଟି ଯାଇଥିଲା ଏବଂ ଘଟଣା ସ୍ଥଳରେ ହିଁ ପ୍ରାଣ ହରାଇ ବୀରଗତି ପ୍ରାପ୍ତ କରିଥିଲେ । ଏହି ଘଟଣା ସଂପର୍କରେ ଆଁହଜ଼ରତ୍ ସ.ଅ କହିଲେ ଯେ, ଖଲ୍ଲାଦ୍ ର.ଅଙ୍କ ନିମନ୍ତେ ଦୁଇ ଜଣ ବୀରଗତି ପ୍ରାପ୍ତ କରିଥିବା ବ୍ୟକ୍ତିଙ୍କ ପରି ପୁଣ୍ୟ ଉଦ୍ଦିଷ୍ଟ । ଯେତେବେଳେ ସାହାବାମାନେ ଆଁହଜ଼ରତ୍ ସ.ଅଙ୍କୁ ପ୍ରଶ୍ନ କଲେ ଯେ, କେଉଁଥିପାଇଁ ଦୁଇଜଣ ବୀରଗତି ପ୍ରାପ୍ତ କରିଥିବା ବ୍ୟକ୍ତିଙ୍କ ପରି ପୁଣ୍ୟ ଉଦ୍ଦିଷ୍ଟ ବା ମିଳିବ । ହୁଜୁର୍ ସ.ଅ କହିଲେ, କାରଣ ତାଙ୍କୁ **ଏହ୍ଲେ** କିତାବର ଜଣେ ମହିଳା ଶହୀଦ୍ କରିଥିଲା ।

ପରବର୍ତ୍ତୀ ସାହବି ହେଉଛନ୍ତି ହଜ଼ରତ୍ ଅସ୍ ବିନ୍ ଖଅଲି ବିନ୍ ଖଅଲି ଅନସାରୀ ର.ଅ । ସେ ବନୁ ସାଲିମ୍ ବିନ୍ ଗନମ୍ ବିନ୍ ଅଫ୍ ଶାଖା ଅନ୍ତର୍ଗତ ଖଜ଼ରଜ୍ ସଂପର୍ଦାୟଭୁକ୍ତ ଥିଲେ । ସେ ବଦର୍, ଓହୋଦ୍ ଏବଂ ଖନ୍ଦକ୍ ଯୁଦ୍ଧ ସମେତ ଅନ୍ୟ ସମସ୍ତ ଯୁଦ୍ଧରେ ହୁଜୁର୍ ସ.ଅଙ୍କ ସହିତ ଶାମିଲ୍ ଥିଲେ । ସେ ପୂର୍ଣ୍ଣ ବ୍ୟକ୍ତିଙ୍କ ଗହଣରେ ଅନ୍ତର୍ଭୁକ୍ତ ଥିଲେ । ନିରକ୍ଷର ଯୁଗରେ ଏବଂ ଇସଲାମର ପ୍ରାଥମିକ ପର୍ଯ୍ୟାୟରେ ସେହି ବ୍ୟକ୍ତିକୁ ହିଁ ସଂପୂର୍ଣ୍ଣ ତଥା ଉତ୍ତମ ବ୍ୟକ୍ତି ରୂପେ ବିବେଚିତ କରାଯାଉଥିଲା ଯିଏ ଆରବୀ ଭାଷା ଲେଖିବାଉଲ ରୂପେ, ତୀରଚାଳନା, ଭଲ ପହଁରାଳିଟିଏ ହୋଇଥିବ । ହଜ଼ରତ୍ ଅସ୍ ବିନ୍ ଖଅଲି ଆଁହଜ଼ରତ୍ ସ.ଅଙ୍କ ଯନାଜ଼ାଃ ସ୍ନାନ ଏବଂ କବର ଦେବାରେ ଶାମିଲ୍ ଥିଲେ । ସେ ନିଜ ହାତରେ ପାଣିର ଗରା ଉଠାଇ ଆଣୁଥିଲେ । ହଜ଼ରତ୍ ଇବ୍ନେ ଅବ୍ବାସ୍ ବର୍ଣ୍ଣନା କରନ୍ତି ଯେ, ହଜ଼ରତ୍ ଅଲୀ, ହଜ଼ରତ୍ ଫଜ଼ଲ୍ ବିନ୍ ଅବ୍ବାସ୍, ତାଙ୍କର ଭାଇ କ୍ବିସମ୍, ରସୁଲୁଲ୍ଲାଃ ସ.ଅଙ୍କ ସ୍ୱାଧୀନ ପ୍ରାପ୍ତ ଦାସ ଶୁକରାନ୍ ଏବଂ ହଜ଼ରତ୍ ଅସ୍ ବିନ୍ ଖଅଲି ରସୁଲୁଲ୍ଲାଃ ସ.ଅଙ୍କ ପବିତ୍ର ମୃତ ଶରୀରକୁ କବରରେ ରଖିବା ପାଇଁ କବରକୁ ଓହ୍ଲାଇ ଥିଲେ ।

ହଜ଼ରତ୍ ଅସ୍ ବିନ୍ ଖଅଲିଙ୍କଠୁ ବର୍ଣ୍ଣନା କରଯାଏ ଯେ, ଯେତେବେଳେ ସେ ରସୁଲୁଲ୍ଲାଃ ସ.ଅଙ୍କ ସେବାରେ ଉପସ୍ଥିତ ହେଲେ ସେତେବେଳେ ହୁଜୁର୍ ସ.ଅ କହିଲେ, ହେ ଅସ୍ ! ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ସକାଶେ ବିନମ୍ରତା ଓ ଭଦ୍ରତା ପରି ଉତ୍ତମ ଆଚରଣ ଅବଲମ୍ବନ କରିଥାଏ । ତେବେ ଅଲ୍ଲାଃତାଲା ଏହିପରି ବ୍ୟକ୍ତିର ସ୍ତରକୁ (ଉଭୟ ସ୍ୱର୍ଗ ଓ ମର୍ତ୍ତ୍ୟଲୋକରେ) ଉନ୍ନୀତ କରିଥାଆନ୍ତି ଏବଂ ଯେଉଁ ବ୍ୟକ୍ତି ଗର୍ବ ଓ ଅହଂକାର କରେ ତେବେ ଅଲ୍ଲାଃତାଲା ଏପରି ବ୍ୟକ୍ତିକୁ (ଉଭୟଲୋକରେ) ତିରସ୍କୃତ କରିଥାଆନ୍ତି । ହଜ଼ରତ୍ ଅସ୍ ର.ଅଙ୍କର ଦେହାନ୍ତ ମଦିନାରେ ହଜ଼ରତ୍ ଉମର୍ ର.ଅଙ୍କ ଶାସନ କାଳରେ ହୋଇଥିଲା । ଅଲ୍ଲାଃତାଲା ସ୍ୱର୍ଗରେ ଉପରୋକ୍ତ ସମସ୍ତ ସାହାବାମାନଙ୍କର ସ୍ତରକୁ ଉନ୍ନୀତ କରନ୍ତୁ । (ଆମିନ୍)

**KHULASA KHUTBA JUMA HUZOOR ANWAR a.b.a**

**........................................................**

**1st March2019**

**..................**